# କେନ୍ଦୁଝର : ୬୭ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ :
# ବନ୍ୟପ୍ରାଣୀର ସୁରକ୍ଷା ପାଇଁ ସମସ୍ତେ ତତ୍ୱାବଧାରକ ସାଜିବାକୁ ଆହ୍ୱାନ

କେନ୍ଦୁଝର, ତା ୦୮.୧୦ ବନ୍ୟପ୍ରାଣୀର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ତତ୍ୱବଧାରକ ସାଜିବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ୱାବଧାରକ ଧନରାଜ୍ ଏଚ୍.ଡି. ଆହ୍ୱାନ ଜଣାଇଛନ୍ତି । କେନ୍ଦୁଝର ବନଖଣ୍ଡ ଓ ବନ୍ୟପ୍ରାଣୀ ଡିଭିଜନ୍ ଆନୁକୂଲ୍ୟରେ ଚଳିତ ଅକ୍ଟୋବର ୮ ତାରିଖ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ୬୭ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଧନରାଜ ଏହି ଆହ୍ୱାନ ଜଣାଇଛନ୍ତି । ଉଦ୍‌ବୋଧନ ଛଳରେ ଶ୍ରୀ ଧନରାଜ ବନ୍ୟପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି କହିଥିଲେ ଯେ, ଶାନ୍ତି ଓ ଅହିଂସାର ଉପାସକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୂଣ୍ୟ ଜନ୍ମ ତିଥିରୁ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଥାଏ । ବନ୍ୟ ପ୍ରାଣୀଙ୍କ ସଂରକ୍ଷଣ ଏବଂ ମାନବସମାଜ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହେଉଛି ଏହାର ଉଦ୍ଦେଶ୍ୟ । ଉଭୟ ମାନବ ସମାଜ ଓ ବନ୍ୟପ୍ରାଣୀ ଭଗବାନଙ୍କ ଅନବଦ୍ୟ ସୃଷ୍ଟି । ସମାଜର ତଥା ଦେଶର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବନ୍ୟପ୍ରାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ମାନବ ସମାଜର ଅଭିବୃଦ୍ଧି ଓ ସମୃଦ୍ଧି ଜୈବ ବିବିଧତା ଉପରେ ନିର୍ଭରଶୀଳ । ବର୍ତମାନ ପରିପ୍ରେକ୍ଷୀରେ ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ, ସୁରକ୍ଷା ଏବଂ ଅଭିବୃଦ୍ଧି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ଜୈବ ବିବିଧତା ଦୃଷ୍ଟିରୁ କେନ୍ଦୁଝର ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲା । ଏହାର ଖଣିଜ ସଂପଦ, ଜଙ୍ଗଲ ସଂପଦ, ଜନ ସଂପଦ ଓ ପ୍ରାଣୀ ସଂପଦ ପାଇଁ ରାଜ୍ୟ ତଥା ଦେଶର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଚଳିତ ବର୍ଷର ଶୀର୍ଷକ ଅନୁଯାୟୀ ଜଙ୍ଗଲ ଅଂଚଳରେ ରହୁଥିବା ଲୋକମାଙ୍କର ଜିବୀକା ଏବଂ ଏହାର ମାନବୃଦ୍ଧି ପାଇଁ ଗୁରୁତ୍ୱାରୋପ କରାଯାଇଛି । ପ୍ରକୃତି ସମାଜକୁ ବିବିଧ ମତେ ସେବା ଯୋଗାଉଛି । କେନ୍ଦୁଝର ଜିଲ୍ଲାରେ ଖଣି କାର୍ଯ୍ୟାକଳାପ ବହୁଳ ମାତ୍ରାରେ ଚାଲିଥିବାରୁ ପ୍ରକୃତି ଓ ପରିବେଶର ସୁରକ୍ଷା ସହିତ ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ବିଶେଷ କରି କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ହାତୀମାନଙ୍କର ଚଳ ପ୍ରଚଳକୁ ଦୃଷ୍ଟିରେ ରଖି ସେମାନଙ୍କର ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବତାରଣା କରିଥିଲେ । ହାତୀ କରିଡର୍ ନିର୍ମାଣ, ଟ୍ରେଂଚ୍ ବ୍ୟବସ୍ଥା, ହାତୀ ଦ୍ୱାରା ଜନବସତିରେ ହେଉଥିବା କ୍ଷୟକ୍ଷତିର ଭରଣା ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ବିଶଦ ଭାବେ ଅବଗତ କରାଇଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ତଥା ହାତୀ ଦ୍ୱାରା କିପରି ପ୍ରକୃତି ଓ ପରିବେଶର ସୁରକ୍ଷା ହେଉଛି ସେ ସଂପର୍କରେ ଅବତାରଣା କରିଥିଲେ । ଜିଲ୍ଲାରେ ଖଣି କାର୍ଯ୍ୟ, କୃଷି କାର୍ଯ୍ୟ ସହିତ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ସହିତ ବନ୍ୟପ୍ରାଣୀ ସୁରକ୍ଷା ନିନ୍ତେ ସମସ୍ତେ ସାମୁହିକ ଉଦ୍ୟମ କରିବାକୁ ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ୍ ନିବେଦନ କରିଥିଲେ । ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ଆନନ୍ଦପୁର ଶ୍ରୀ ଅଜିତ୍ କୁମାର ଶତପଥୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ପ୍ରକୃତି ଓ ମାନବ ସମାଜ ପରସ୍ପର ପରିପୂରକ , ଯାହାକି ଆଦିମ କାଳରୁ ପ୍ରମାଣିତ ହୋଇସାରିଛି । ଆଜି ଯଦି ଏକ ମହାର୍ଘ ଜୀବନ ମିଳିଥାଏ, ତେବେ ତାହା ପଛରେ ରହିଛି ପ୍ରକୃତିର ଅବଦାନ ଓ ଜୀବଜଗତର ଅବଦାନ । ବିଶ୍ୱନ ଉତପ୍ତିକରଣ , ବଳବାୟୁ ପରିବର୍ତନ, ଜନସଂଖ୍ୟା ବିସ୍ଫୋରଣ ଏବଂ ମଣିଷର

ସ୍ୱେଚ୍ଛାଚାର ଯୋଗୁଁ ଆଜି ପ୍ରକୃତି, ପରିବେଶ ଓ ବନ୍ୟଜନ୍ତୁ ସଙ୍କଟରେ । ଯେଉଁଥି ପାଇଁ ପରିବେଶ ଓ ପ୍ରକୃତି ଆଜି ଅବକ୍ଷୟମୁଖୀ ଏବଂ ଅନେକ ବନ୍ୟପ୍ରାଣୀ ବିଲୁପ୍ତି ପ୍ରାୟ, ଏହା ସମଗ୍ର ବିଶ୍ ପାଇଁ ସତର୍କ ଘଂଟି । ପ୍ରକୃତି ବଂଚିଲେ ଜୀବଜଗତ ବଂଚିବ । ବଣ ପାହାଡ ଘେରା କେନ୍ଦୁଝର ଜିଲ୍ଲାର ପ୍ରକୃତି, ପରିବେଶ ଓ ବିକାଶର ସମ୍ଭାବନା ଅତୀବ ଚକଚ୍ୟାର । ଏଣୁ ଚଳିତ ବର୍ଷ ବନ୍ୟପ୍ରାଣୀ ସପ୍ତାହର ଶୀର୍ଷକକୁ ଆଧାର କରି ଲୋକମାନଙ୍କର ଜୀବିକାର କିପରି ଅଭିବୃଦ୍ଧି ଘଟିବ ଏବଂ ପ୍ରକୃତି ସୁରକ୍ଷିତ ରହିବା ସହିତ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ନିମିତ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସୂଚନା ଦେଇଥିଲେ । ଏ.ସି.ଏଫ୍. ଏନ୍‌ଫୋର୍ସମେଂଟ୍ ଏଣ୍ଡ୍ କ୍ରାଇମ୍ କଂଟ୍ରୋଲ୍ ଅଜୟ କୁମାର ସାହୁ ବନ୍ୟପ୍ରାଣୀ ସପ୍ତାହ ପାଳନ ସଂପର୍କିତ ଆନୁସଙ୍ଗିକ ପ୍ରସଙ୍ଗ, ପ୍ରକୃତି ଓ ବନ୍ୟପ୍ରାଣୀ ସୁରକ୍ଷା ନିମିତ ଥିବା ଆଇନ୍‌କାନୁନ୍ ଓ ସାମ୍ବିଧାନିକ ବିଧିବ୍ୟବସ୍ଥା ସଂପର୍କରେ ଅବତାରଣା କରିଥିଲେ । ବକ୍ତ ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପରିବେଶବିତ୍ ଡଃ ବିମ୍ବାଧର ବେହେରା ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ପ୍ରଗତି ସହିତ ପ୍ରକୃତି ଓ ପରିବେଶ ସମାନ୍ତରାଳ ହେବା ଦରକାର । ଦୀର୍ଘ ବର୍ଷର ଅଭିଜ୍ଞତା, ଅନୁଭବ ଓ ଉପଲବ୍ଧିକୁ ଆଧାର କରି ଡଃ ବେହେରା କହିଥିଲେ ଯେ ବନ୍ୟ ପ୍ରାଣୀଙ୍କ ସୁରକ୍ଷା, ସେମାନଙ୍କର ଆଶ୍ରୟସ୍ଥଳୀର ସଂରକ୍ଷଣ ଓ ଉଦ୍ଧାର କାର୍ଯ୍ୟ, ମନୁଷ୍ୟ – ବନ୍ୟ ପ୍ରାଣୀ ସଂଘର୍ଷ ହ୍ରାସ ତଥା ସେମାନଙ୍କର ଗତିବିଧି ନିରୀକ୍ଷଣ ଉପରେ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି କହିଥିଲେ । ଏତଦ୍‌ବ୍ୟତୀତ କର୍ପୋରେଟ୍ ସେକ୍ଟରରୁ ୩ ଜଣ କର୍ମକର୍ତା ଉକ୍ତ ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଜନବସତିମାନଙ୍କରୁ ସୁରକ୍ଷିତ ଭାବେ ହାତୀ ଘଉଡାଇ ଧନଜୀବନ ରକ୍ଷା କରି ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କେନ୍ଦୁଝର ସଦର ସବ୍‌ଡିଭିଜନ୍ ଅନ୍ତର୍ଗତ ଦେଓବନ୍ଧ ଗ୍ରାମର ରୁଷିଆ ପାତ୍ର, ଚମ୍ପୁଆ ଉପଖଣ୍ଡର ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ କାଶୀପାଳ ଗ୍ରାମର ଜୟ ସିଂ ମୁଣ୍ଡା, ଚାରାରୋପଣ ତଥା ବନ୍ୟ ପ୍ରାଣୀର ସୁରକ୍ଷା କ୍ଷେତ୍ରର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆନନ୍ଦପୁର ଉପଖଣ୍ଡର ଆଦିକନ୍ଦ ଜେନାଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରକଳା ପ୍ରତିଯୋଗିତାର ୬ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବନାଂଚଳ ଅଧିକାରୀ ଶ୍ରୀ ପ୍ରଭାତ କୁମାର କୁଅଁରଙ୍କ ସମେତ ବନ ବିଭାଗର ଅଧିକାରୀ / କର୍ମଚାରୀ ଉକ୍ତ ସମାରୋହର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଖଣି ଅନୁଷ୍ଠାନର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

ସ୍ୱା- ୦୮.୧୦.୨୦୨୧

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର